**ଜଳସେଚନ :** ଖରାଦିନେ ୪ ରୁ ୫ ଦିନରେ ଥରେ ମାଟିର ଆର୍ଦ୍ରତା ଦେଖି ସପ୍ତାହରେ ଥରେ ଜଳସେଚନ କରିବା ଉଚିତ।

**ବଂଶବିସ୍ତାର :** ମଞ୍ଜିରୁ ଓ 'କଟା' କଲମି ଦ୍ୱାରା ଗେଣ୍ଡୁର ବଂଶ ବିସ୍ତାର କରାଯାଇଥାଏ।

**ଅମଳ :** ଫୁଲର ଆକାର ଏବଂ ଚେହେରାରୁ ଜଣା ପଡ଼ିବ ଯେ ଫୁଲ ତୋଳିବାକୁ ଏହା ଉପଯୁକ୍ତ ହୋଇଛି କି ନାହିଁ। ମଝିରେ ମଝିରେ ଗଛରୁ ଫୁଲ ତୋଳିଲେ ଅମଳ ବଢ଼ିଥାଏ। ସକାଳ ବା ସନ୍ଧ୍ୟାରେ ଥଣ୍ଡା ଥିବା ସମୟରେ ହିଁ ଫୁଲ ତୋଳିବା ଦରକାର। ପାଣି ଦେବାର ଦୁଇଘଣ୍ଟା ପରେ ଫୁଲ ତୋଳିଲେ ଫୁଲ ଗୁଡ଼ିକ ବେଶି ସମୟ ପର୍ଯ୍ୟନ୍ତ ତାଜା ରହେ। ଏକର ପ୍ରତି ଆଫ୍ରିକୀୟ କିସମ ଗୁଡ଼ିକ ୮୦ ରୁ ୮୫ କୁଇଣ୍ଟାଲ ଓ ଫରାସୀ କିସମ ଗୁଡ଼ିକ ୪୦-୫୦ କୁଇଣ୍ଟାଲ ପର୍ଯ୍ୟନ୍ତ ସଜଫୁଲ ଅମଳ ଦେଇଥାନ୍ତି। ଫୁଲ ଗୁଡ଼ିକୁ ଆଲୁମିନିୟମ୍ ସଲଫେଟ୍ (୧ ଗ୍ରାମ/ଲିଟର ପାଣି)ରେ ୨ ଘଣ୍ଟା ବୁଡ଼ାଇ ରଖିଲେ ଅଧିକ ଦିନଯାଏଁ ସତେଜ ରହେ।

## ଗ୍ଲାଡ଼ିଓଲସ୍ ଚାଷ

ଗ୍ଲାଡ଼ିଓଲସ୍‌କୁ କଟାଫୁଲ ହିସାବରେ ଓ ଫୁଲ ତୋଡ଼ା ତିଆରିରେ ବହୁଳ ଭାବରେ ବ୍ୟବହାର କରାଯାଏ। କଟାଫୁଲ ପାଇଁ ବ୍ୟବସାୟିକ ଭିତ୍ତିରେ ଚାଷ କଲେ ଏହି ଫୁଲରୁ ଅଧିକ ଲାଭ ମିଳିପାରିବ।

**ମୃତ୍ତିକା :** ନିଗଡ଼ା, ଉର୍ବର ଓ ଦୋରସା ଏବଂ ଅମ୍ଳତା ୬ ରୁ ୭।

**କିସମ :** ଶ୍ରୀଗଣେଶ, ପିଟର ପିଅର୍ସ, ହ୍ୱାଇଟ୍‌ଜାକ୍, ଚେରୀ ବ୍ଲସମ୍, ଫ୍ରେଣ୍ଡସିପ୍, ହାପି ଏଣ୍ଡ, ହୁଣ୍ଟିଙ୍ଗ୍, ଅଗ୍ନିରେଖା, ଆପଲ ବ୍ଲସମ୍, ଆରତୀ, ଅପସରା, ଶୋଭା, ମୀରା, ପୁନମ, ରେଡ୍ ବିଉଟି ଇତ୍ୟାଦି।



**ବିହନ ଓ ବିଶୋଧନ :** ଧନକନ୍ଦ (ଫୁଲ ପାଇଁ), ଉପକନ୍ଦ (ଧନକନ୍ଦ ପାଇଁ)। ମାନକୋଜେବ୍ (୩ଗ୍ରାମ୍/ଲିଟର) + କାର୍ବେଣ୍ଡାଜିମ୍ (୧ଗ୍ରାମ୍/ଲିଟର)।

**ବିହନ ପରିମାଣ :** ଗୋଟିଏ ବେଡ୍‌ରେ ୨୫୦ଟି କର୍ମ୍ ଲାଗିପାରିବ ଏବଂ ଏକ ଏକର ଜମିରେ ୧୬୦ ଟି ବେଡ୍ ପାଇଁ ସମୁଦାୟ ୪୦,୦୦୦ କର୍ମ୍ ଆବଶ୍ୟକ।

**ବଂଶ ବିସ୍ତାର :** ଗ୍ଲାଡ଼ିଓଲସ୍ ର ବଂଶ ବିସ୍ତାର କର୍ମ୍ ବା ଧନ କନ୍ଦରୁ ହୋଇଥାଏ। ଏଥିପାଇଁ ୪ ସେ.ମି. ବା ତା ଠାରୁ ବଡ଼ ବ୍ୟାସ ବିଶିଷ୍ଟ କର୍ମ୍ ବ୍ୟବହାର କରାଯାଏ। ଧନକନ୍ଦ ଓ ଉପକନ୍ଦଗୁଡ଼ିକ ଅମଳ ପରେ ନିଷ୍କ୍ରିୟ ଥିବାରୁ ସଙ୍ଗେ ସଙ୍ଗେ ଲଗାଇଲେ ଗଜା ହୁଏ ନାହିଁ। ଏଗୁଡ଼ିକୁ ୩-୪ ମାସ ଯାଏ ୪-୫ ଡ଼ିଗ୍ରୀ ସେଲସିୟସ ଉତ୍ତାପରେ ରଖିଲେ କିମ୍ବା ଇଥ୍ରେଲ (୧ଗ୍ରାମ/ଏକ ଲିଟର ପାଣି) କିମ୍ବା ଜିଏ (୦.୧ ଗ୍ରାମ/ଲିଟର ପାଣି) ଦ୍ରବଣରେ ବୁଡ଼ାଇଲେ ଶୀଘ୍ର ଗଜା ହୁଏ। କନ୍ଦଗୁଡ଼ିକର ତଳ ଅଂଶରେ ଛୋଟ ଛୋଟ ଚେର ବାହାରିବାର ଦେଖାଗଲେ ଲଗାଇବା ଉଚିତ୍। ଏଗୁଡ଼ିକ ଲଗାହେବା ପୂର୍ବରୁ ଏହାର ଉପର ଚୋପାକୁ ଛଡ଼ାଇ ଶତକଡ଼ା ୦.୨ ଭାଗ ବାଭିଷ୍ଟିନ୍ (୨ଗ୍ରାମ ଔଷଧ ୧ ଲିଟର ପାଣିରେ)ର ଦ୍ରବଣରେ ୧୫ ମିନିଟ୍ ବୁଡ଼ାଇ ବିଶୋଧନ କରାଯିବା ଦରକାର।

**ରୋପଣ ସମୟ :** ସେପ୍‌ଟେମ୍ବର ରୁ ଡ଼ିସେମ୍ବର।

**ଜମି ପ୍ରସ୍ତୁତି :** ଗୁଣ୍ଡଚାଷ, ଏକର ପ୍ରତି ୧୦ ଟନ କଖଡ଼।

**ଲଗାଇବା ଦୂରତା :** ୨୦-୩୦ x ୧୫-୨୦ ସେ.ମି.

**କନ୍ଦ ଲଗାଇବା :** ୧୨ ଘଣ୍ଟା ବତୁରାଇ ୫ ସେ.ମି. ଗଭୀରରେ।

**ସାର ପ୍ରୟୋଗ :** ଲଗାଇବା ସମୟରେ ପିଆର ତଳେ ଏକର ପ୍ରତି ୫୦ କି.ଗ୍ରା. ଯବକ୍ଷାରଜାନ, ୬୦ କି.ଗ୍ରା. ଫସ୍‌ଫରସ୍ ଏବଂ ୨୫ କି.ଗ୍ରା. ପଟାସିୟମ୍ ପ୍ରୟୋଗ କରାଯାଏ। ତିନିପତ୍ର ଅବସ୍ଥାରେ ୨୫ କି.ଗ୍ରା. ଯବକ୍ଷାରଜାନ ଏବଂ ଛଅପତ୍ର ଅବସ୍ଥାରେ ୨୫ କି.ଗ୍ରା. ଲେଖାଏଁ ଯବକ୍ଷାରଜାନ ଓ ପଟାସିୟମ୍ ସାର ପ୍ରୟୋଗ କରାଯାଏ।

**ପରବର୍ତ୍ତୀ ଯତ୍ନ :** କାଠି ପୋତି ଗଛକୁ ସିଧା ରଖନ୍ତୁ। ପତ୍ର ଆଗଆଡ଼ୁ ଶୁଖି ଆସିଲେ ଚୂନ (୫୦ ଗ୍ରାମ/ଲିଟର) ପ୍ରୟୋଗ କରାଯାଏ।

**ଅମଳ :** ଫୁଲକେଣ୍ଡା ବା ଛଡ଼ିର ତଳ ଫୁଲଟିରେ ସଠିକ୍ ରଙ୍ଗ ଆସିବା ପରେ ବା ସାମାନ୍ୟ ଖୋଲିବା ପରେ ସ୍ପାଇକ୍‌ଗୁଡ଼ିକ ଛୁରୀ ସାହାଯ୍ୟରେ ମୂଳରୁ କାଟି ଅମଳ କରାଯାଏ। ଏକ ଏକରରୁ ୪୦,୦୦୦ ସ୍ପାଇକ୍ ବା ଫୁଲକେଣ୍ଡା ଅମଳ ମିଳିଥାଏ। ଫୁଲକେଣ୍ଡା ଅମଳ ହେବାର ୬ ରୁ ୮ ସପ୍ତାହ ପରେ ଧନକନ୍ଦ ଅମଳ କରାଯାଏ। ଅମଳ ହେବାର ୨/୩ ସପ୍ତାହ ପୂର୍ବରୁ ଜଳ ସେଚନ ବନ୍ଦ କରିଦେବା ଦରକାର। ଗଛରେ ପତ୍ର ହଳଦିଆ ହୋଇ ଆସିଲେ ଧନକନ୍ଦ ପାଚିଲା ହେଲା ବୋଲି ଜଣାପଡ଼େ। ଏଗୁଡ଼ିକୁ ସାବଧାନତା ସହକାରେ ମାଟିରୁ ଖୋଳାଯାଇ ଏକ ସପ୍ତାହ ଶୁଖାଯାଏ। ଏହାପରେ ଶତକଡ଼ା ୦.୨ ଭାଗ ବାଭିଷ୍ଟିନ୍ ର ଦ୍ରବଣରେ ୩୦ ମିନିଟ୍ ବୁଡ଼ାଇ ଛାଇରେ ଦୁଇ ତିନିଦିନ ଶୁଖିବା ପରେ ପଲିଥିନ୍ ମୁଣି ବା ଅଖାରେ ପୁରାଇ ଶୀତଳ ଭଣ୍ଡାରରେ ସାଇତି ରଖାଯାଏ। ଗୋଟିଏ ଗଛରୁ କିସମ ଅନୁସାରେ ଗୋଟିଏ ବଡ଼ କର୍ମ ସହିତ ୧୬ ରୁ ୬୦ ଟି ପର୍ଯ୍ୟନ୍ତ ଛୋଟ କର୍ମେଲ୍ ଅମଳ ମିଳିଥାଏ।

# ବୈଜ୍ଞାନିକ ପ୍ରଣାଳୀରେ ଫୁଲଚାଷ




ଶ୍ରୀ ଦେବାଶିଷ ବେହେରା

ବିଶେଷଜ୍ଞ (ଉଦ୍ୟାନ କୃଷି)



କୃଷି ବିଜ୍ଞାନ କେନ୍ଦ୍ର, ଅନୁଗୋଳ

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ

ଆମ ଦେଶର ବିଭିନ୍ନ ରାଜ୍ୟରେ ବିଶେଷ କରି ଓଡ଼ିଶାରେ ଗୋଲାପ, ସେବତୀ, ଡ଼ାହାଲିଆ, ଗେଣ୍ଡୁ, ରଜନୀଗନ୍ଧା, ମଲ୍ଲୀ, ସୂର୍ଯ୍ୟମୂଖୀ, ଯୁଇ, ହେନା, ସୁଗନ୍ଧରାଜ, କିଆ ଆଦି ବ୍ୟବସାୟ ପାଇଁ ପ୍ରଧାନ ଫୁଲ ହିସାବରେ ଲୋକମାନଙ୍କଠାରେ ଆଦୃତ ହୋଇପାରିଛି । ସୌନ୍ଦର୍ଯ୍ୟ ଛଡ଼ା ଯଦି ବ୍ୟବସାୟିକ ଦୃଷ୍ଟିକୋଣରୁ ଦେଖାଯାଏ, ତେବେ ମଧ୍ୟ ଫୁଲର ଯଥେଷ୍ଟ ଗୁରୁତ୍ୱ ରହିଛି । ବିଗତ ଦୁଇ ଦଶନ୍ଧିକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ବମ୍ବେ, ଦିଲ୍ଲୀ କଲିକତା, ମାଡ୍ରାସ, ହାଇଦ୍ରାବାଦ, ବାଙ୍ଗାଲୋର, ପୁନା ଆଦି ବଡ଼ ବଡ଼ ସହରରୁ ଆଶାତୀତ ଭାବେ ବିଦେଶକୁ ଫୁଲ ରପ୍ତାନୀ ବୃଦ୍ଧି ପାଇଛି । କାରଣ ବିଦେଶରେ ଫୁଲର ଯଥେଷ୍ଟ ଚାହିଦା ରହିଛି । ନିମ୍ନରେ ଓଡ଼ିଶାରେ ବ୍ୟବସାୟିକ ଭିତ୍ତିରେ ଚାଷ ଉପଯୋଗୀ କେତୋଟି ଫୁଲ ବିଷୟରେ ସମ୍ୟକ ବିବରଣୀ ଦିଆଗଲା ।


## ଗୋଲାପ ଚାଷ

ଗୋଲାପକୁ ସୌଖିନ ଭାବରେ ଚାଷ କରିବା ସହିତ ବ୍ୟବସାୟିକ ଭିତ୍ତିରେ ମଧ୍ୟ ଚାଷ କରି ଆମ ଦେଶର ଚାଷୀଭାଇମାନେ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି ।

**ମୃତ୍ତିକା :** ଦୋରସା, ବାଲିଆ ଦୋରସା ଓ ନିଗିଡ଼ା ମାଟି ସବୁଠାରୁ ଭଲ ।

**ଅମ୍ଳତା :** ୬ ରୁ ୭.୫ ।

**କିସମ :** ଗୋଲାପକୁ ସାଧାରଣତଃ ପାଞ୍ଚ ଭାଗରେ ବିଭକ୍ତ କରାଯାଏ । (୧) ହାଇବ୍ରିଡ୍ (୨) ଫ୍ଲୋରିବୁଣ୍ଡା (୩) ପଲିଏନ୍ଥା (୪) ଛୋଟ ଗୋଲାପ (୫) ଲଟା ଗୋଲାପ ।



ଆମ ଓଡ଼ିଶାରେ ବ୍ୟବସାୟିକ ଭିତ୍ତିରେ ଗୋଲାପଫୁଲ ଚାଷ କରିବା ପାଇଁ ମୁଖ୍ୟ କିସମ ଗୁଡ଼ିକ ହେଲା ଫାଷ୍ଟରେଡ଼୍, ସାମାରାଇ ଟେନିସ୍, ଆସ୍ଥା, ସୁପର ଷ୍ଟାର, ପଣ୍ଡିତ ନେହେରୁ ଏବଂ କୁଇନ ଏଲିଜାବେଥ୍ ।

**ବଂଶ ବିସ୍ତାର :** ପ୍ରଜନନକାରୀ ଏବଂ ବୈଜ୍ଞାନିକ ମାନେ ବ୍ରିଡ଼ିଙ୍ଗ୍ ଦ୍ୱାରା ନୂଆ କିସମର ଗୋଲାପ ସୃଷ୍ଟି କରିଥାନ୍ତି । ପୂର୍ବରୁ ଡ଼ାଳ କଲମି, ମାଟି କଲମୀ, ଗୁଟି କଲମି ଏବଂ ଯୋଡ଼ କଲମୀ ଦ୍ୱାରା ବଂଶ ବିସ୍ତାର କରାଯାଉଥିଲା । ବର୍ତ୍ତମାନ କେବଳ ମୁକୁଳ / ଆଖି କଲମୀ ଦ୍ୱାରା ବ୍ୟବସାୟିକ ଭିତ୍ତିରେ ବଂଶ ବିସ୍ତାର କରାଯାଉଛି ।

**ଦୂରତା :** ବଡ଼ଗୁଡ଼ା ୧ମି. x ୧ମି., ମଧ୍ୟମ- .୭୫ x .୭୫ମି. ଏବଂ ଛୋଟ .୫୦ x .୫୦ ମିଟର ।

**ଗାତର ଆକାର ଓ ଲଗାଇବା ପ୍ରଣାଳୀ :** ୦.୫ x ୦.୫ x ୦.୫ ମିଟର । ସାଧରଣତଃ ସେପ୍‌ଟେମ୍ବର ମାସ ଠାରୁ ଫେବୃୟାରୀ ମାସ ପର୍ଯ୍ୟନ୍ତ ଗୋଲାପ ଲଗାଇବାର ଉତ୍କୃଷ୍ଟ ସମୟ ।

**ବିହନ ;** ସୁସ୍ଥ ସବଳ ଆଖି କଲମି ଚାରା, ଗୁଟି କଲମି ଚାରା ବା ଗଛ ଖଣ୍ଡ ଚାରା ।

**ଖତ ଓ ସାର (ଗଛପ୍ରତି) :** ଗଛ ଲଗାଇବା ପୂର୍ବରୁ ଗୋବର ଖତ ୧ ଝୁଡ଼ି, ପିଡ଼ିଆ ୨୫୦ ଗ୍ରାମ୍, ହାଡ଼ଗୁଣ୍ଡ ୩୦ ଗ୍ରାମ୍, ଆମୋନିୟମ୍ ସଲ୍‌ଫେଟ୍ ୧୦୦ ଗ୍ରାମ୍, ସୁଫର ଫସ୍‌ଫେଟ୍ ୧୨୫ ଗ୍ରାମ୍ ଓ ମ୍ୟୁରେଟ ଅଫ୍ ପଟାସ୍ ୩୫ ଗ୍ରାମ୍ ,ଙ୍ ଲଗାଇବା ପରେ ଗୋବର ଖତ ୧ ଝୁଡ଼ି, ପିଡ଼ିଆ ୩୦ ଗ୍ରାମ, ହାଡ଼ଗୁଣ୍ଡ ୩୦ ଗ୍ରାମ୍, ଆମୋନିୟମ୍ ସଲଫେଟ୍ ୨୪ ଗ୍ରାମ୍, ସୁପର୍ ଫସ୍‌ଫେଟ୍ ୧୨ ଗ୍ରାମ୍ ଓ ମ୍ୟୁରେଟ୍ ଅଫ୍ ପଟାସ୍ ୬ ଗ୍ରାମ୍ ହେବା ଉଚିତ୍ ।

**ଜଳସେଚନ :** ମାଟିର୍ ଆର୍ଦ୍ରତା ଦେଖି ସପ୍ତାହରେ ଥରେ ।

**ଫସଲ ସଂରକ୍ଷଣ :** ପୋକ-ଭଇ : ୫ ଗ୍ରାମ କ୍ଲୋରାପାଇରିଫସ୍ ଗୁଣ୍ଡ ।

**ଅମଳ :** ଗଛ ଲଗାଇବାର ତୃତୀୟ ବର୍ଷଠାରୁ ବ୍ୟବସାୟିକ ଭାବରେ ଫୁଲ ଉତ୍ପାଦିତ ହୋଇଥାଏ । ଗଛ ପ୍ରତି ୩୦ ରୁ ୪୦ ଟି ଫୁଲ ମିଳେ । ସକାଳୁ ଟାଣ ଖରା ହେବା ପୂର୍ବରୁ ବା ସନ୍ଧ୍ୟା ବେଳେ ଫୁଲ ତୋଳାଯାଏ । ଫୁଲ ତୋଳିବା ପାଇଁ ଭଲ ସିକେଟର୍ ବା ଫୁଲକଟା କଇଁଚି ବ୍ୟବାହାର୍ କରାଯାଏ ।

## ରଜନୀଗନ୍ଧା ଚାଷ

ସାରା ଭାରତ ବର୍ଷରେ ଏ ଫୁଲର ଆଦର ବେଶି, କାରଣ ଫୁଲ ତୋଡ଼ା, ଫୁଲଦାନି ସଜାଇବା ଏବଂ ମାଳ ପ୍ରସ୍ତୁତ କରିବାରେ ଏହା ବ୍ୟବହାର କରାଯାଏ । ଏ ଫୁଲ ମଧ୍ୟ ୩/୪ ଦିନ ଫୁଲଦାନିରେ ରହେ । ଖୁବ ବାସ୍ନାଯୁକ୍ତ ।

**ମୃତ୍ତିକା :** ନିଗିଡ଼ା, ବାଲିଆ ଓ ଦୋରସା । ଅମ୍ଳତା ୬.୫ ରୁ ୭.୫ ।

**ଲଗାଇବା ଦୂରତା :** ୩୦ ସେ.ମି. x୨୦ ସେ.ମି. ।

**ଲଗାଇବା ସମୟ :** ମାର୍ଚ୍ଚ ମାସ ଠାରୁ ମେ ମାସ ପର୍ଯ୍ୟନ୍ତ ।

**ବିହନ :** ହେକ୍ଟର ପିଛା ୧୦୦ କୁଇଣ୍ଟାଲ କୋଲା ବା ୧୦ ଲକ୍ଷ ଚାରା ।

**କିସମ :** ରଜନୀଗନ୍ଧା କିସମକୁ ତିନି ଭାଗରେ ବିଭକ୍ତ କରାଯାଇଥାଏ । ଯଥା- ସିଙ୍ଗଲ୍, ଡ଼ବଲ୍ ଓ ଅର୍ଦ୍ଧ ଡ଼ବଲ୍ । ଓଡ଼ିଶାରେ ବ୍ୟବସାୟିକ ଭିତ୍ତିରେ ଚାଷ କରିବା ପାଇଁ କେତୋଟି ମୁଖ୍ୟ କିସମ ହେଲା କଲିକତି ସିଙ୍ଗଲ୍, ସୁଭାସିନୀ, ମୁକ୍ତା, କଲକତି, ଡ଼ବଲ୍, ସ୍ୱର୍ଣ୍ଣରେଖା ଏବଂ ରଜତରେଖା ।



**ଜଳସେଚନ :** ଜମିର୍ ବତର ଦେଖି ପାଣି ଦେବା ଦରକାର୍ । ତେବେ ୭/୮ ଦିନ ଅନ୍ତରରେ ଶୀତ ଦିନରେ ଓ ୪/୫ ଦିନ ଅନ୍ତରରେ ଖରାଦିନେ ଜଳସେଚନ କରାଯାଏ ।

**ଖତ ଓ ସାର :** ଏକ ବର୍ଗ ମିଟର୍ ପରିମିତ ଜମିରେ ୨୦ ଗ୍ରାମ୍ ଯବକ୍ଷାରଜାନ, ୨୦ ଗ୍ରାମ୍ ଫସ୍‌ଫରସ୍ ଏବଂ ୨୦ ଗ୍ରାମ୍ ପଟାସ୍ ସାର୍ ଆବଶ୍ୟକ ।


**ଅମଳ:** ରଜନୀଗନ୍ଧା କନ୍ଦ ଲଗାଇବାର୍ ୧୫୦ ରୁ ୨୪୦ ଦିନ ପରେ କନ୍ଦ ସାଇଜ୍ ଅନୁସାରେ ଫୁଲ ଫୁଟେ । ଏକର ପ୍ରତି ୨୫ ରୁ ୩୦ କ୍ୱିଣ୍ଟାଲ୍ ଫୁଲ ମିଳିଥାଏ । ୨ ବର୍ଷରେ ଅଧିକ ଫୁଲ ୪୦ ରୁ ୫୦ କ୍ୱିଣ୍ଟାଲ୍ ଓ ୩ ବର୍ଷରେ ୨୦ ରୁ ୨୫ କ୍ୱିଣ୍ଟାଲ ଫୁଲ ମିଳେ । ସାଧାରଣତଃ ଫସଲର ତୃତୀୟ ବର୍ଷ ପରେ କନ୍ଦ ଅମଳ କରାଯାଏ । ଏକ ଏକର ଜମିରୁ ପ୍ରାୟ ୮୦ ରୁ ୧୦୦ କ୍ୱିଣ୍ଟାଲ୍ କନ୍ଦ ଅମଳ ହୁଏ ।

## ଗେଣ୍ଡୁଫୁଲ ଚାଷ

ଆମ ରାଜ୍ୟରେ ବ୍ୟବସାୟିକ ଭିତ୍ତିକ ଚାଷ ଉପଯୋଗୀ ଫୁଲ ଗୁଡ଼ିକ ମଧ୍ୟରେ ଗେଣ୍ଡୁ ଫୁଲର ଚାହିଦା ଅଧିକ । ବର୍ଷର୍ ପ୍ରତ୍ୟେକ ଋତୁରେ ଏହାର ଚାଷ କରାଯାଇ ପାରୁଛି ।

**ମୃତ୍ତିକା :** ଗେଣ୍ଡୁ ସହଜରେ ସବୁ ପ୍ରକାର ମାଟିରେ ଚାଷ କରାଯାଇପାରିବ ।ତେବେ ମାଟି ଖୁବ୍ ଉର୍ବର, ଫସଫସିଆ, ଅଧିକ ଜଳଧାରଣ କ୍ଷମତା, ନିଗିଡ଼ା ତଥା ସମଭାବାପର୍ଣ୍ଣ (ଅମ୍ଳତା ୭ ରୁ ୭.୫) ହେବା ଆବଶ୍ୟକ । ବାଲିଆ ଦୋରସା ମାଟି ଗେଣ୍ଡୁ ଚାଷ ପାଇଁ ଉପଯୁକ୍ତ ।

**କିସମ :** ଗେଣ୍ଡୁ ସାଧାରଣତଃ ଦୁଇ ପ୍ରକାରର । ପ୍ରଥମଟି ହେଉଛି ଆଫ୍ରିକୀୟ ଗେଣ୍ଡୁ ଓ ଦ୍ୱିତୀୟଟି ହେଉଛି ଫରାସୀ ଗେଣ୍ଡୁ ।



ଓଡ଼ିଶାରେ ବ୍ୟବସାୟିକ ଭିତ୍ତିରେ ଗେଣ୍ଡୁ ଚାଷ କରିବା ପାଇଁ କେତୋଟି ମୁଖ୍ୟ କିସମ ହେଲା ଆଫ୍ରିକାନ୍ ଅରେଞ୍ଜ / ୟେଲୋ, ଇନ୍‌କା ଅରେଞ୍ଜ / ୟେଲୋ / ରେଡ୍, ହନିକୁମ୍ବ, ବଟରସ୍କଚ ଏବଂ ହାପି ଅରେଞ୍ଜ / ୟେଲୋ ।

**ଗଛ ଲଗାଇବା ଦୂରତା :** ଗଛକୁ ଗଛ ୩୦ ସେ.ମି ଓ ଧାଡ଼ିକୁ ଧାଡ଼ି ୪୫ ସେ.ମି. ଦୂରତାରେ ଉପରବେଳା ଲଗାଯାଏ ।

**ଗଛ ଲଗାଇବା ସମୟ :** ଜୁନ-ଜୁଲାଇ, ଅଗଷ୍ଟ-ସେପ୍‌ଟେମ୍ବର ଓ ଜାନୁୟାରୀ-ଫେବୃୟାରୀ ।

**ଖତ ଓ ସାର :** ହେକ୍ଟର ପିଛା ଯବକ୍ଷାରଜାନ-୧୦୦ କି.ଗ୍ରା, ଫସଫରସ-୨୦୦ କି.ଗ୍ରା,ପଟାସ-୨୦୦ କି.ଗ୍ରା. ।ଗଛ ଲଗାଇବାର ୩ ସପ୍ତାହ ପରେ ଯବକ୍ଷାରଜାନ ଅଧା, ସମୁଦାୟ ଫସ୍‌ଫରସ୍ ଓ ପଟାସ୍ ପ୍ରୟୋଗ କରିବେ । ପ୍ରଥମ ସାର ପ୍ରୟୋଗର ଏକ ମାସ ପରେ ଅବଶିଷ୍ଟ ଯବକ୍ଷାରଜାନ ପ୍ରୟୋଗ କରନ୍ତୁ ।